1988 (ଶକାବ୍ଦ 1910)
© ଜଗଦୀଶ ଯୋଷୀ, 1984
ଓଡ଼ିଆ ଅନୁବାଦ © ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1988

How Munia Found Gold (ORIYA)

National Book Trust, India
REVISED PRICE Rs. 5.00

Published by Director, National Book Trust, India
A-5, Green Park, New Delhi 110016
and printed at Jugnu Offset, Naveen Shahdara,
Delhi-110032

ମୁନିଆ କେମିତି ପାଇଲା ସୁନା

ଲେଖା ଓ ଚିତ୍ର
ଜଗଦୀଶ ଯୋଷୀ

ଅନୁବାଦ
ସୁଚରିତା ମହାପାତ୍ର

ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

କୁନି ଚଢ଼େଇଟିଏ । ମୁନିଆ ତା'ର ନାମ । ଗୋଟିଏ ବଡ଼ ଗଛରେ ରହୁଥିଲା । ଥରେ ବର୍ଷା ଦିନରେ ବହୁ ଦିନ ଧରି ବର୍ଷା ହେବାରୁ ମୁନିଆ ତା'ର ବସା ଛାଡ଼ି କୁଆଡ଼େ ମଧ୍ୟ ଯାଇ ପାରିଲା ନାହିଁ । ସେ ପାଣି ଘେରରେ ଖୋକରେ ବସିଥାଏ ।

ବର୍ଷା ବନ୍ଦ ହେଲା । ସୂର୍ଯ୍ୟ ମେଘ ଉହାଡ଼ରୁ ଦେଖା-ଦେଲେ । ସେତେବେଳେ ଗୋଟିଏ ସୁନ୍ଦର ଇନ୍ଦ୍ରଧନୁ ଆକାଶରେ ଛାଇଗଲା ।

ନିକଟରେ ଥିବା ବଗିଚା ଭିତରକୁ ମୁନିଆ ଫର୍ କିନି ଉଡ଼ିଗଲା । ସୁନେଲୀ ରଙ୍ଗର ଗୋଟିଏ ବେରି କୋଳି ଭୂଇଁରେ ପଡ଼ିଥିବା ଦେଖିଲା । ତା'କୁ ଥଣ୍ଟରେ ଧରି ଗୋଟିଏ ଶୁଖିଲା ଜାଗାରେ ବସି ଖାଇବାକୁ ନିଶ୍ଚୟ କଲା ।

Digitized by srujanika@gmail.com

ମୁନିଆ ଆନନ୍ଦରେ ହେଲୁ କ୍ଷେତବାଡି ଗଛଲତା ଅନ୍ଧି ସନ୍ଧି ଖୋଜି ବୁଲିଲା । ଶେଷରେ ଗୋଟିଏ ଶୁଖିଲା ଡାଳ ପାଇ ତା'ରି ଉପରେ ଡେଣାପାରି ବସିଗଲା । ନୀଳ ଆକାଶ, ସୂର୍ଯ୍ୟ ଓ ସୁନ୍ଦର ଇନ୍ଦ୍ରଧନୁ ଦେଖି ତା'ର ମନ ଆନନ୍ଦରେ ଭରିଗଲା । ମୁନିଆ ନିଜ ଶୋକଶୋଷ ଭୁଲିଯାଇ ଗୀତ ଗାଇବାରେ ଲାଗିଲା ।

Digitized by srujanika@gmail.com

ମୁନିଆ ଥଣ୍ଟ ଖୋଳୁ ଖୋଳୁ ହଠାତ୍ ଚେରି କୋଳିଟି ଭୁଇଁରେ ପଡ଼ିଗଲା ।

ମୁନିଆ ସାଙ୍ଗେ ସାଙ୍ଗେ କୋଳିଟିକୁ ଗୋଟାଇବା ପାଇଁ ତଳକୁ ଉଡ଼ି ଆସିଲା । କିନ୍ତୁ ଦୁଃଖର କଥା, କୋଳିଟି କେଉଁଠି ବି ଦିଶିଲା ନାହିଁ । ପ୍ରବଳ ବର୍ଷାରେ ମାଟି ନରମି କାଦୁଅ ହୋଇ-ଯାଇଥାଏ । କୋଳିଟି ଗହୀରିଆ ମାଟି ଭିତରେ ପୋତି ହୋଇ ଯାଇଥିଲା ।

Digitized by srujanika@gmail.com

ମୁନିଆ କିନ୍ତୁ ସହଜରେ ଏକଥା ଭୁଲିବା ଜୀବ ନୁହେଁ । ସେ ଆଉ ଗୋଟିଏ ଚେରି ଖୋଜି ଭୋକ ମେଣ୍ଟାଇଲା । କିନ୍ତୁ

ହଜି ଯାଇଥିବା ଚେରିଟି ଦେଖିବା ଲାଗି ପ୍ରତିଦିନ ସେହି ଡାଳକୁ ଆସି କିଛି ସମୟ ବିତାଏ ।

ଦିନେ ସକାଳେ ମନ ଦୁଃଖରେ ସେଠି ବସିଛି । ହଠାତ୍ ଗୋଟିଏ ଚାରାଗଛ ଭୁଇଁ ଭେଦି ଅଙ୍କୁରି ଉଠିଛି, ତା' ନଜର ତା'ରି ଉପରେ ପଡିଲା । ମୁନିଆକୁ ସେ ଗଛଟି ଖୁବ ଭଲଲାଗିଲା । ପ୍ରତିଦିନ ଗଛଟି ଦେଖିବା ଲାଗି ସେ ସେଠାକୁ ଆସେ ।

Digitized by srujanika@gmail.com

କିଛି ଦିନ ପରେ ସେହି ରାସ୍ତା ଦେଇ ଗୋଟିଏ ଠେକୁଆ ଯାଉଥିବା ସମୟରେ ଗୁଲୁଗୁଲିଆ ଗଛଟିଏ ଦେଖି ପାରିଲା । ଅନେକ ଜୀବଜନ୍ତୁ କଅଁଳିଆ ଶାଗୁଆ ପତ୍ର ଖାଇବାକୁ ଭଲ ପାଆନ୍ତି । ଲୋଭରେ ଠେକୁଆ ପାଟିରୁ ଲାଳ ଗଡିଲା ।

Digitized by srujanika@gmail.com

ଗଛରେ ପତ୍ର ନ ରହିଲେ ଗଛ ସୂର୍ଯ୍ୟକିରଣ ପାଇ ପାରିବ ନାହିଁ, ଫଳରେ ଚଞ୍ଚଳ ଝାଉଁଳି ମରିଯିବ, ଏକଥା ମୁନିଆ ଜାଣିଥିଲା । ଯେତେବେଳେ ଠେକୁଆ କଅଁଳିଆ ପତ୍ର ଦାନ୍ତେଇବାରେ ଲାଗିଛି, ହଠାତ୍ ମୁନିଆ ରାଗିଯାଇ ତା' ଉପରକୁ ଉଡ଼ିଯାଇ ସେଠାରୁ ଡରାଇ ତଡ଼ି ଦେଲା ।



Digitized by srujanika@gmail.com

ତା'ପରେ ଦିନେ ହରିଣ ଛୁଆଟିଏ ସେଠାରେ ପହଞ୍ଚି କୁନି ଗଛଟିକୁ ଶୁଙ୍ଘିବାରେ ଲଗିଲା । ଠିକ୍ ସେ ପତ୍ରଗୁଡିକୁ ଖାଇବା ଆରମ୍ଭ କରିଛି, ମୁନିଆ ଫର୍‌କିନି ଉଡି ଆସି ତାକୁ ଖୁବ୍ ଧମକ ଦେଲା । ହରିଣ ଛୁଆ ସେଠାରୁ ଭୟରେ ଦୌଡି ପଳାଇଲା ।



Digitized by srujanika@gmail.com

ନିଜେ ଚିଁଚିଁ ଚଢ଼େଇ ବିଷୟରେ ମୁନିଆ ଚିନ୍ତାରେ ପଡ଼ିଗଲା । ସେ ତାକୁ ଖୋଜି ଦେଖିବାକୁ ଚାହୁଁଥିଲା । କିଛି କାଠିକୁଟା ଓ ଘାସ ଆଣି ଗଛଟିର ଚାରିପଟେ ଘୋଡ଼ାଇ ଦେଲା ।

Digitized by srujanika@gmail.com

ଦିନେ ରାତିରେ ଭୀଷଣ ଧୂଳିଝଡ ହେଲା । ସବୁ କାଠିକୁଟା ଓ ଘାସ ଉଡିଗଲା । ପବନରେ ଗଛଟି ଦୋହଲି ଦୋହଲି ନଇଁ ଯାଉଥାଏ । ବିଚରା ମୁନିଆ ଗୋଟିଏ ପଥର ପଛରେ ଲୁଚି ରହି ତାକୁ ଖାଲି ବିକଳରେ ଗୁଡ଼ି ରହିଥାଏ ।

Digitized by srujanika@gmail.com

ପରଦିନ ସକାଳେ ମୁନିଆ ତା'ର ସବୁ ସାଙ୍ଗସାଥୀମାନଙ୍କୁ ଡାକି ଆଣିଲା । ସମସ୍ତେ ଭବିଲେ ଯେ ଗଛଟିକୁ ବଞ୍ଚାଇ ରଖିବା । ଗଛଟିର ଚାରିପାଖେ ମଜବୁତ୍ ବାଡ଼ଟିଏ କରିବେ । ଯେପରି ଜୋର ପବନ ଓ ବର୍ଷାରେ ଗଛଟିର କିଛି କ୍ଷତି ଘଟିବ ନାହିଁ ।



ନଚେତ୍ ଗଛଟି ମୂଳରୁ ଉପୁଡ଼ି ଯିବ । ତେଣୁ ଚେର ଟାଣ ନହେଲା ପର୍ଯ୍ୟନ୍ତ ତା'ର ସୁରକ୍ଷା ଜରୁରୀ ।

Digitized by srujanika@gmail.com

ମୁନିଆର ଆନନ୍ଦ କହିଲେ ନ ସରେ । ଘରଟି ବର୍ତ୍ତମାନ ନିରାପଦ। ମୁନିଆ ସମସ୍ତ ସାଙ୍ଗ-ସାଥୀମାନଙ୍କୁ 'ଡାକି ତା' ଘରି-ପାଖେ ଆନନ୍ଦରେ ଖେଳିବାକୁ ଆରମ୍ଭକଲା ।

Digitized by srujanika@gmail.com

କିଛି ବର୍ଷ ବିତିଗଲା । ଗଛଟି ବଢି ବଢି ଗୋଟିଏ ସୁସ୍ଥ ସବଳ ଛୋଟିଆ ଗଛଟିଏ ହୋଇଗଲା । ସେ ବି ଧିରେ ଧିରେ ଶାଗୁଆ ପତ୍ର ଭର ବିରଟ ଗଛରେ ପରିଣତ ହେଲା ।



Digitized by srujanika@gmail.com

ଥରେ ବସନ୍ତ ଋତୁରେ ମୁନିଆ ଦେଖିଲା ଯେ ଗଛଟି ଧଳା ଓ ଲାଲ ରଙ୍ଗ ଫୁଲରେ ଭରିଯାଇଛି । ଭଅଁରମାନେ ଖୁସିରେ ଗୁଣୁଗୁଣୁ ହୋଇ ନାଚି ଖେଳି ଫୁଲରୁ ମହୁ ଆଦାୟ କରିବାରେ ଲାଗିଛନ୍ତି ।

Digitized by srujanika@gmail.com



କିଛି ଦିନ ପରେ ମୁନିଆ ଗଛଟିକୁ ଦେଖି ଅବାକ୍ ହୋଇଗଲା । ସେ ଯେମିତି ଚେରିଟିଏ ହଜେଇ ଥିଲା, ଠିକ୍ ସେମିତି ସୁଆଦିଆ ଓ ସୁନେଲୀ ରଙ୍ଗର ଚେରି ଫୁଲରୁ ଫଳ ଧରିଛି । ସେ ଆନନ୍ଦରେ ଭେକ ଶୋଷ ଭୁଲିଗଲା ।

Digitized by srujanika@gmail.com

ନିଜର ସାଙ୍ଗସାଥୀମାନଙ୍କୁ ଡାକ ଆଣିଲା । ସମସ୍ତଙ୍କ ପାଇଁ ଯଥେଷ୍ଟ ମିଠା ଚେରି ଢେରେ ଭରି ଯାଇଥିଲା । ବର୍ତ୍ତମାନ ଉକ୍ତ ପତ୍ର, ଫୁଲ, ଫଳ ଭରା ଗଛଟି ସେମାନଙ୍କର ବସା ବାନ୍ଧିବା

Digitized by srujanika@gmail.com



ପାଇଁ ନିରାପଦ ଜାଗା । ଟାଣ ଖରା ଓ ଘନ ମୌସୁମୀ ବର୍ଷାରୁ ଏବେ ସେହି ଗଛଟି ତାଙ୍କୁ ଆଶ୍ରୟ ଦେବ । ମୁନିଆ ଏମିତି ଖୋଜି ଖୋଜି ସୁନାଠାରୁ ବି ଅଧିକ ବହୁ ମୂଲ୍ୟର ଜିନିଷଟିଏ ଆଜି ପାଇଛି । ତା'ର ଶ୍ରମ ସାର୍ଥକ ହେଲା ।

Digitized by srujanika@gmail.com



Digitized by srujanika@gmail.com